بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୩୦ ଅଗଷ୍ଟ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

### ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ମାଧ୍ୟମରେ ଉଫଂକ୍ ଘଟଣାର ବିସ୍ତୃତ ବ୍ୟାଖ୍ୟା ।

ଅଶ୍‌ହେଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହେଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହେମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଦ୍ଦାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର ଅ.ବ କହିଲେ; ଜର୍ମାନୀ ଜଲସା ପୂର୍ବରୁ ମୁଁ (ଖୁତ୍‌ବା ଜୁମାରେ) ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ସଂକ୍ରାନ୍ତରେ ଆଲୋଚନା କରୁଥିଲି । ଯେଉଁଥିରେ ହଜରତ ଆଏଶା ର.ଅଙ୍କ ଉଫଂକ୍ ଘଟଣାର ଚର୍ଚ୍ଚା ଚାଲିଥିଲା । ଏଥି ସଂକ୍ରାନ୍ତରେ ହଜରତ ମସିହ ମଉଦ ଅ.ସ କୁହନ୍ତି; ପରାକ୍ରମୀ ଅଲ୍ଲାଃତାଲା ନିଜ ଆଚରଣରେ ଏହା ଅନ୍ତର୍ଭୁକ୍ତ କରି ରଖିଛନ୍ତି ଯେ, ଚେତାବନୀ ମୂଳକ ଭବିଷ୍ୟତ ବାଣୀକୁ କ୍ଷମା ଯାଚନା, ଅନୁତାପ, ଦୁଆ ତଥା ଦାନ ଦକ୍ଷିଣା ଦ୍ୱାରା ଟାଳି ଦେଇଥାନ୍ତି । ଏହିପରି ସେ ମନୁଷ୍ୟଙ୍କୁ ମଧ୍ୟ ସମାନ ଆଚରଣ ଶିଖାଇଛନ୍ତି । ଯେପରିକି ପବିତ୍ର କୁରଆନ୍ ଓ ହଦିସ୍‌ରୁ ଏହା ପ୍ରମାଣ ସିଦ୍ଧ ଯେ, ହଜରତ ଆଏଶା ର.ଅଙ୍କ ସଂକ୍ରାନ୍ତରେ କପଟବିଶ୍ୱାସୀମାନେ ମାତ୍ର ନିଜ ଖଳ ସ୍ୱଭାବ ବଶତଃ ଯେଉଁ ଲାଂଛନା ଲଗାଇଥିଲେ । ସେଥିରେ କେତେକ ସରଳ ସ୍ୱଭାବୀ ସାହାବାଗଣ ମଧ୍ୟ ସାମିଲ ରହିଥିଲେ । ଜଣେ ସାହାବା ଏପରି ଥିଲେ ଯେ, ହଜରତ ଅବୁବକର ର.ଅଙ୍କ (ଘରେ ପଡ଼ି ରହୁଥିଲେ) ଏବଂ ତାଙ୍କୁ ସେଠାରେ ଦୁଇବେଳାର ଭୋଜନ (ରୁଟି) ଖାଇବାକୁ ମିଳି ଯାଉଥିଲା । କିନ୍ତୁ ହଜରତ ଆଏଶା ର.ଅଙ୍କ ପ୍ରତି ତାଙ୍କର ଏହି ଆକ୍ଷେପ (ଅପବାଦ) କରିବା ଯୋଗୁଁ ହଜରତ ଅବୁବକର ର.ଅ ଏହି ପ୍ରତିଜ୍ଞା କରି ନେଇଥିଲେ ଯେ, ମୁଁ ତାହାର ଏହି ଭିତ୍ତିହୀନ କଥାକୁ ପ୍ରଶୟ ଦେବାର ଦଣ୍ଡ ସ୍ୱରୂପ ଆସନ୍ତାରେ କଦାପି ରୁଟି (ଆହାର) ଦେବି ନାହିଁ । ଏଥିରେ ଏହି ଆୟତ୍ ଅବତୀର୍ଣ୍ଣ ହୋଇଥିଲା- وَلۡیَعۡفُوۡا وَلۡیَصۡفَحُوۡا ؕ اَلَا تُحِبُّوۡنَ اَنۡ یَّغۡفِرَ اللّٰہُ لَکُمۡ ؕ وَاللّٰہُ غَفُوۡرٌ رَّحِیۡمٌ ସେତେବେଳେ ହଜରତ ଅବୁବକର ର.ଅ ନିଜର ପ୍ରତିଜ୍ଞା ଭଙ୍ଗ କରିଦେଲେ ଏବଂ ପୂର୍ବପରି ତାହାକୁ ଭୋଜନ ଦେବା ଅବ୍ୟାହତ ରଖିଥିଲେ ।

ହଜରତ ମସିହ ମଉଦ ଅ.ସ କୁହନ୍ତି; ଏହି ଆଧାରରେ ଇସଲାମୀୟ ନୀତିଶିକ୍ଷାରେ ଏହା ଅନ୍ତର୍ଭୁକ୍ତ ଯେ, ଯଦି ଭୟଭୀତ କରିବା ଉଦ୍ଦେଶ୍ୟରେ କୌଣସି ପ୍ରତିଜ୍ଞା କରାଯାଏ ତେବେ ତାହାକୁ ଭଙ୍ଗ କରିବା ସଦାଚାରୀତା ମଧ୍ୟରେ ଅନ୍ତର୍ଭୁକ୍ତ । ଉଦାହରଣ ସ୍ୱରୂପ ଯଦି କେହି ନିଜ ସେବକ ସଂକ୍ରାନ୍ତରେ ପ୍ରଣ କରେ କି ମୁଁ ନିଶ୍ଚିତ ରୂପେ ତାହାକୁ ୫୦ଜୋତା ମାଡ଼ ଦେବି ଏବଂ ତାହାର କ୍ଷମା ଯାଚନା ଓ କାକୁତି ମିନତିରେ ସେ ତାହାକୁ କ୍ଷମା କରିଦିଏ ତେବେ ଏହା ସୁନ୍ନତେ ଇସଲାମ୍ (ଇସଲାମର ଅନୁସୃତ ପନ୍ଥା) । ଯଦ୍ଦ୍ୱାରା ତଖଲକୁ ବିଅଖ୍‌ଲାକିଲ୍ଲାଃ ଅର୍ଥାତ ଅଲ୍ଲାଃତାଲାଙ୍କ (ଗୁଣ ଆପଣାଇ ନିଅ) ରଙ୍ଗରେ ରଙ୍ଗିନ ହୋଇଯାଅ । କିନ୍ତୁ ମନେରଖ ! **ପ୍ରତିଜ୍ଞା-ଭଙ୍ଗ କରିବାରେ ହିସାବ ଦେବାକୁ ପଡ଼ିବ କିନ୍ତୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ କରାଯାଇଥିବା ଶପଥ-ଭଙ୍ଗ କରିବାରେ ପ୍ରଶ୍ନ କରାଯିବ ନାହିଁ ।**

ହଜରତ ମିର୍ଜା ବଶିର ଅହେମଦ ସାହେବ ସ୍ୱରଚିତ ପୁସ୍ତକ "ସିରତ୍ ଖାତମୁନ୍ ନବୀଈନ୍"ରେ ଉଫଂକ୍ ଘଟଣାର ଚର୍ଚ୍ଚା ହଦିସ୍ ସହି ବୁଖାରୀର ବର୍ଣ୍ଣନା ଆଲୋକରେ ଉଲ୍ଲେଖ କରିଛନ୍ତି; ଏହି ପ୍ରସଙ୍ଗରେ ଉକ୍ତ ବର୍ଣ୍ଣନାଟି ଅନ୍ୟ ସମସ୍ତ ବର୍ଣ୍ଣନା ତୁଳନାରେ ବଳିଷ୍ଠ ଓ ସୁସ୍ପଷ୍ଟ ବ୍ୟାଖ୍ୟା ମୂଳକ ଅଟେ । ଏହି ବର୍ଣ୍ଣନାରୁ ନବୀଶ୍ରେଷ୍ଠ ହଜରତ

ମୁହମ୍ମଦ ସ.ଅଙ୍କର ଗୃହସ୍ଥି ଜୀବନ ଉପରେ ଏକ ବିଶଦ ଆଲୋକପାତ ହୋଇଯାଏ, ଯାହାକୁ କୌଣସି ଐତିହାସିକ ଟାଳି ଦେଇପାରିବ ନାହିଁ । ବର୍ଣ୍ଣନା (ଶୈଳୀ) ଦୃଷ୍ଟିରୁ ମଧ୍ୟ ଏହା ଏପରି ଉଚ୍ଚକୋଟିରେ ଯେ, ଯେଉଁଥିରେ ସନ୍ଦେହ ଓ ଶଙ୍କାର ତିଳେ ମାତ୍ର ଅବକାଶ ନାହିଁ । ଏବେ ଅନୁଧ୍ୟାନ କରିବା ଯୋଗ୍ୟ (ବିଷୟ) ଯେ, ଏହା କିଭଳି ଭୟଙ୍କର ଉପଦ୍ରବ ଥିଲା ଯାହାକି କପଟବିଶ୍ୱାସୀମାନେ ଭିଆଇ ଥିଲେ ।

ଏଥିରେ କେବଳ ଜଣେ ପବିତ୍ରବ୍ରତୀ, ସଂଯମୀ ଓ ଅତ୍ୟନ୍ତ ଧର୍ମନିଷ୍ଠ ମହିଳାଙ୍କ ମାନସମ୍ମାନ ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟ ନଥିଲା । ବରଂ ପ୍ରଚ୍ଛନ୍ନରେ ଏକ ବଡ଼ ଉଦ୍ଦେଶ୍ୟ ଏହା ରହିଥିଲା ଯେ, ନବୀଶିରୋମଣିଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ଏବଂ ଇସଲାମୀୟ ସମାଜରେ ଏକ ଭୟାବହ ବିଶୃଙ୍ଖଳା ରୂପକ ଭୂମିକମ୍ପ ଆଣିବା ଥିଲା । କପଟବିଶ୍ୱାସୀମାନେ ଏହି କୁତ୍ସିତ (କଦର୍ଯ୍ୟ) ଓ ଧୂର୍ତ୍ତ ପ୍ରୋପଗେଣ୍ଡାକୁ ଏପରି ରଚି ଥିଲେ ଯେ ସରଳ ସ୍ୱଭାବୀ ଲୋକମାନେ, ଏପରିକି ନିଷ୍ପାପର ମୁସଲମାନମାନେ ମଧ୍ୟ ସେମାନଙ୍କ ଜାଲରେ ଫସି ଠୋକର ଖାଇଥିଲେ । ସେମାନଙ୍କ ମଧ୍ୟରେ ହସାନ୍ ବିନ୍ ସାବିତ୍, ହମ୍ନା ବିନ୍ତ୍ ଜହଶ୍ ଓ ମୁସ୍ତା ବିନ୍ ଅସାସାଙ୍କର ନାମ ବିଶେଷ ଭାବରେ ଉଲ୍ଲେଖ ରହିଛି । କିନ୍ତୁ **ହଜରତ ଆଏଶା ର.ଅଙ୍କର ବଦାନ୍ୟତା ଦେଖନ୍ତୁ ଯେ, ସେ ସମସ୍ତଙ୍କୁ କ୍ଷମା କରି ଦେଇଥିଲେ** ଏବଂ ସେମାନଙ୍କ ପ୍ରତି ନିଜ ମନରେ କୌଣସି ବିଦ୍ୱେଷ ଭାବ ରଖି ନଥିଲେ ।

ହଜରତ ମୁସଲେହ ମଉଦର.ଅ ଏହି ଆରୋପ (ଲାଂଛନା) ଲଗାଇବାର କାରଣ ଚର୍ଚ୍ଚା କରି କୁହନ୍ତି; ଆମକୁ ମୂଳ କାରଣ ପ୍ରତି ଦୃଷ୍ଟି ନିକ୍ଷେପ କରିବା ଉଚିତ୍ । ଏହାର ମୂଳ କାରଣ ଏହା ହୋଇ ନପାରେ ଯେ, ଏହି ଆରୋପ ସତ୍ୟ ସିଦ୍ଧ ହେଉ, ଯାହାକୁ କୌଣସି ବିଶ୍ୱାସକାରୀ ସ୍ୱୀକାର କରି ପାରିବ ନାହିଁ । ବିଶେଷ ଭାବରେ ଐଶ୍ୱର୍ଯ୍ୟମୟ ପ୍ରଭୁ ଆକାଶରୁ ଏହି ଅସଭ୍ୟ ଅଶ୍ଳୀଳ ଆରୋପକୁ ରଦ୍ଦ କଲେ । ଦ୍ୱିତୀୟ କାରଣ ସମ୍ଭବତଃ ଏହା ହୋଇଥାଇପାରେ କି ଏହି ଆରୋପ ହଜରତ ମୁହମ୍ମଦସ.ଅ ଓ ହଜରତ ଅବୁବକର ର.ଅଙ୍କର ଗୌରବ ହାନୀ କରିବା ସକାଶେ ଲଗାଯାଇଥିବ । କାରଣ ସେମାନଙ୍କ ମଧ୍ୟରୁ ହଜରତ ଆଏଶାର.ଅ ଜଣକର ଧର୍ମପତ୍ନୀ ଓ ଅନ୍ୟ ଜଣକର କନ୍ୟା ଥିଲେ । ଆଉ ଏହି ଦୁଇ ବ୍ୟକ୍ତି ଏପରି ଥିଲେ, ଯାହାଙ୍କ ପ୍ରତିଷ୍ଠାରେ ଦାଗ ଲାଗିଲେ ଶତ୍ରୁ ପକ୍ଷର କେତେକ ଲୋକଙ୍କୁ ରାଜନୈତିକ ଫାଇଦା ପହଞ୍ଚି ପାରିଥାନ୍ତା । ହଜରତ ମୁହମ୍ମଦ ସ.ଅଙ୍କୁ ଯେଉଁ ଉପାଧି ହାସଲ ହୋଇଥିଲା, ତାହାକୁ ତ ସେ ଦୁର୍ଜନମାନେ ଛଡ଼େଇ ନେବା କଦାପି ସମ୍ଭବ ନଥିଲା । ଅସଲ ଭୟ ସେମାନଙ୍କୁ ଏହା ଘାରୁ ଥିଲା ଯେ, ହୁଜୁର ସ.ଅଙ୍କ ଅନ୍ତେ ମଧ୍ୟ ସେମାନେ ନିଜ ଉଦ୍ଦେଶ୍ୟ ପ୍ରାପ୍ତି କରିବାରୁ ବଞ୍ଚିତ ରହି ନଯାଆନ୍ତୁ । କାରଣ ସେମାନେ ଏହା ଲକ୍ଷ କରୁଥିଲେ ଯେ, ହୁଜୁର ସ.ଅଙ୍କ ଅନ୍ତେ ଯଦି କେହି ଆପଣଙ୍କ ଉତ୍ତରାଧିକାରୀ ହେବାର ଯୋଗ୍ୟ ବ୍ୟକ୍ତି ଥିଲେ ତେବେ ସେ ହଜରତ ଅବୁବକର ହିଁ ଥିଲେ । ସୁତରାଂ ଏହି ଆଶଙ୍କାକୁ ହୃଦୟଙ୍ଗମ କରି ସେମାନେ ହଜରତ ଆଏଶା ର.ଅଙ୍କ ଉପରେ ଆରୋପ ଲଗାଇଲେ । ଯଦ୍ଦ୍ୱାରା ସେ ହୁଜୁର ସ.ଅଙ୍କ ଦୃଷ୍ଟିରୁ ନିପତନ ହୋଇଯିବେ । ଏତଦ୍ ଦ୍ୱାରା ହଜରତ ଅବୁବକର ର.ଅଙ୍କର ମୁସଲମାନମାନଙ୍କ ଗହଣରେ ଯେଉଁ ଆସନ (ମାନମର୍ଯ୍ୟାଦ) ରହିଛି ତାହା ମଧ୍ୟ ଦୂରିଭୂତ ହୋଇଯିବ । ଆଉ ହୁଜୁର ସ.ଅଙ୍କ ଅନ୍ତେ ତାଙ୍କର ଖଲିଫା ହେବାର ଦ୍ୱାର ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ ।

ଇତିହାସ ପୃଷ୍ଠାରୁ ଜଣା ଯାଉଛି ଯେ, ମଦିନାରେ ଆରବର ଦୁଇ ଗୋଟି କବିଲା (ଗୋଷ୍ଠୀ) ଅଓ୍ୱସ୍ ଓ ଖଜ୍‌ରଜ୍ ପାରସ୍ପରିକ ସଂଘର୍ଷ ଏବଂ ରକ୍ତପାତ କରିବାରୁ ବିରତ ହୋଇ ପରସ୍ପର ସହିତ ସନ୍ଧି ସ୍ଥାପନ କରି ନେଇଥିଲେ । ଅବ୍‌ଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍ ଯେ କି ମଦିନାର ଅଧିପତି ହେବାର ଥିଲା । ମଦିନାର କିଛି ଲୋକମାନେ ମକ୍କାରୁ ପ୍ରତ୍ୟାବର୍ତ୍ତନ କରି ସୂଚନା ଦେଲେ ଯେ, ଅନ୍ତିମ ଯୁଗର ଅବତାର ମକ୍କାରେ ଆବିର୍ଭାବ କରି ସାରିଲେଣି ଏବଂ ଆମେମାନେ ତାଙ୍କର ଦୀକ୍ଷା ନେଇ ଆସିଛୁ । ସେମାନଙ୍କ ମଧ୍ୟରୁ କିଛି ଲୋକମାନଙ୍କ ନିବେଦନ କରିବା ଫଳରେ ହଜରତ ମୁହମ୍ମଦସ.ଅ ଜଣେ ସାହାବାଙ୍କୁ ମୁବଲ୍ଲିଗ୍ ରୂପେ ମଦିନା ପ୍ରେରଣ କରିଥିଲେ । ବସ୍ତୁତଃ ମଦିନାର ଅନେକ ଲୋକ ଇସଲାମ ଧର୍ମ ଗ୍ରହଣ କରିନେଲେ । ଅବ୍‌ଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍ ଯେତେବେଳେ ନିଜ ରାଜା ହେବା

ସ୍ୱପ୍ନ ସାକାର ହେବା ଅସମ୍ଭବ ହେଲା ପରି ବୋଧ କଲା ଏବଂ ସେ ଅନୁଭବ କଲା କି ହୁଜୁର ସ.ଅଙ୍କ ଅନ୍ତେ ମୁସଲମାନମାନଙ୍କ ଏତାଦୃଶ୍ୟ ହଜରତ ଅବୁବକର ର.ଅଙ୍କ ପ୍ରତି ଉର୍ଦ୍ଧ୍ୱଗାମୀ ହେଉଅଛି ସେତେବେଳେ ସେ ନିଜର ମଙ୍ଗଳ ଏହିଥିରେ ମଣିଲା କି ଏମାନଙ୍କୁ ଅପମାନିତ କରି ଦିଆଯାଉ ଏବଂ ଜନସାଧାରଣ ଓ ହୁଜୁର ସ.ଅଙ୍କ ଦୃଷ୍ଟିରୁ ତାଙ୍କୁ ପତିତ କରି ଦିଆଯାଉ । ଏହି ମନ୍ଦ ଉଦ୍ଦେଶ୍ୟକୁ ସାକାର କରିବାର ଅବସର ତାହାକୁ ହଜରତ ଆଏଶା ର.ଅଙ୍କର (ବନୁ ମୁସ୍ତଲିକ୍) ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ପଛରେ ରହିଯିବା ଆକାରରେ ଲାଭ ହୋଇଗଲା । ସୁତରାଂ ସେହି ଖଳ ପ୍ରବୃତ୍ତି ଦୁର୍ଜନ ହଜରତ ଆଏଶା ର.ଅଙ୍କ ଉପରେ ଅତ୍ୟନ୍ତ ଅଶ୍ଳୀଳ ଓ ନିଛ ଆରୋପ ଲଗାଇ ଦେଲା ।

ହଜରତ ମୁସଲେହ ମଉଦର.ଅ ଉଫକ୍ ଘଟଣାର ହଜରତ ଅବୁବକର ର.ଅଙ୍କ ଖିଲାଫତ୍ ସହିତ ଏକ (ଗଭୀର) ସମ୍ପର୍କ ରହିଥିବାର ଦର୍ଶାଇଛନ୍ତି । ତାହା ଏହିକି ଯେ, ସୁରେ ନୁର୍‌ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାତ୍ର ଗୋଟିଏ ବିଷୟ ବର୍ଣ୍ଣନା କରାଯାଇଛି । ପ୍ରଥମେ ହଜରତ ଆଏଶା ର.ଅଙ୍କ ଉପରେ ଲଗାଯାଇଥିବା ଆରୋପର ଚର୍ଚ୍ଚା ହୋଇଛି, ସେଥିଅନ୍ତେ ଅଲ୍ଲାଃତାଲା ଖିଲାଫତ୍‌ର ସନ୍ଦର୍ଭରେ ବର୍ଣ୍ଣନା କରିଛନ୍ତି । ଯେପରିକି ସେ କହିଲେ; ଖିଲାଫତ୍ ଏକ ରାଜନୈତିକ ଶାସନ ଓ ରାଜ୍ୟନୀତି ନୁହେଁ । **ତାହା ତ ଐଶୀ ପ୍ରକାଶକୁ (ଧରାପୃଷ୍ଠରେ) ସ୍ଥାପିତ କରିବାର ଏକ ମାଧ୍ୟମ । ତେଣୁକରି ଏହାର ସ୍ଥାପନ (ପ୍ରଚଳନ) ପରାକ୍ରମୀ ଅଲ୍ଲାଃତାଲା ସ୍ୱହସ୍ତରେ ରଖିଛନ୍ତି ।** ଅତଃ ସେ ଉକ୍ତ ପ୍ରକାଶକୁ ନିଶ୍ଚିତ ପ୍ରତିଷ୍ଠିତ କରିବେ ଏବଂ ଯାହାଙ୍କୁ ଚାହିଁବେ ନିଜର ଖଲିଫା ମନୋନୀତ କରିବେ । ବରଂ ସେ ଅଙ୍ଗୀକାର କରିଛନ୍ତି ଯେ, ମୁସଲମାନମାନଙ୍କ ମଧ୍ୟରୁ ଜଣେ ନୁହେଁ ବରଂ ଏକାଧିକ ଲୋକମାନଙ୍କୁ ଏହି (ମହାନ) ପୁରସ୍କାରରେ ବିଭୂଷିତ କରି ସେହି ପ୍ରକାଶମୟ ଯୁଗକୁ ସୁଦୀର୍ଘ କରିଦେବେ । ଏବେ ଯଦି ତୁମେ ଆରୋପ ଲଗାଇବାକୁ ଚାହୁଁଛ ତେବେ ସ୍ୱଇଚ୍ଛାରେ ତାହା ପରୀକ୍ଷା କରି ଦେଖିନିଅ । ଏତଦ୍ ଦ୍ୱାରା ନା ତୁମେ ଖିଲାଫତ୍‌ର କ୍ଷତି ସାଧିତ କରିପାରିବ ନା ଅବୁବକର ର.ଅଙ୍କୁ ଖିଲାଫତ୍ ଆସନରେ ବିରାଜମାନ ହେବାରୁ ବଞ୍ଚିତ ରଖି ପାରିବ । କାରଣ ଖିଲାଫତ୍ ଏକ ଉଜ୍ଜ୍ୱଳମୟ ପ୍ରକାଶ, ଯାହାକି ଅଲ୍ଲାଃଙ୍କ ଦିବ୍ୟଜ୍ୟୋତିକୁ (ଧରାପୃଷ୍ଠରେ) ପ୍ରାଦୁର୍ଭାବ କରିବାର ଏକ ମାଧ୍ୟମ ସ୍ୱରୂପ । ଏହାକୁ ତୁଚ୍ଛ ମାନବ ସ୍ୱଯୋଜନା ଦ୍ୱାରା କିପରି ବା ନଷ୍ଟ କରିପାରିବ ।

ହଜରତ ମସିହ ମଉଦଅ.ସ କୁହନ୍ତି; ଅବତାରଗଣଙ୍କର ମଧ୍ୟ ଏହି (ସମାନ) ଅବସ୍ଥା ରହିଛି । ଯେତେବେଳେ ଅଲ୍ଲାଃତାଲା ତାଙ୍କୁ କୌଣସି କାର୍ଯ୍ୟ ପ୍ରସଙ୍ଗରେ (ଆଦେଶ) ଦିଅନ୍ତି ସେତେବେଳେ ସେମାନେ ତାହାକୁ ସମ୍ପାଦନ କରିଥାନ୍ତି ନତୁବା (ଯଦି ନିଷେଧାଦେଶ ଥାଏ) ତେବେ ସେଥିରୁ ବିରତ ରହିଥାନ୍ତି । ଦେଖ ହଜରତ ଆଏଶା ର.ଅଙ୍କ ଉଫକ୍ ଘଟଣା ସଂକ୍ରାନ୍ତରେ ପ୍ରଥମେ ତ ହୁଜୁର ସ.ଅଙ୍କୁ କୌଣସି ସୂଚନା (ଧାରଣା) ନଥିଲା । ଏପରିକି ହଜରତ ଆଏଶାର.ଅ ନିଜ ବାପ ଘରକୁ ଚାଲିଗଲେ ଏବଂ ହୁଜୁରସ.ଅ ତାଙ୍କୁ ଏପିର କଥା ମଧ୍ୟ କହିଦେଲେ ଯେ, ଯଦି ତୁମ ଦ୍ୱାରା କୌଣସି ତ୍ରୁଟି ସାଧିତ ହୋଇଛି ତେବେ ତୁମେ କ୍ଷମା ଯାଚନା କର । ଏସବୁ ଦେଖିବା ପରେ ଆପଣ ସ.ଅଙ୍କ (ମାନସିକ ଅବସ୍ଥା) କିପରି ବ୍ୟତିବ୍ୟସ୍ତ ପୂର୍ଣ୍ଣ ଥିଲା କିନ୍ତୁ ଉକ୍ତ ଘଟଣାର ରହସ୍ୟ ଏକ ନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ଉପରେ ମଧ୍ୟ ଉନ୍ମୋଚିତ ହୋଇ ନଥିଲା । କିନ୍ତୁ ଯେତେବେଳେ ମହାପ୍ରଭୁ ନିଜ ଐଶୀବାଣୀ ଦ୍ୱାରା ତାଙ୍କୁ (ସେହି ଆରୋପରୁ) ମୁକ୍ତ କଲେ ଏବଂ କହିଲେ; **اَلْخَبِيْثٰتُ لِلْخَبِيْثِيْنَ وَالْخَبِيْثُوْنَ لِلْخَبِيْثٰتِ وَالطَّيِّبٰتُ لِلطَّيِّبِيْنَ وَالطَّيِّبُوْنَ لِلطَّيِّبٰتِ** ସେତେବେଳେ ଯାଇ ହୁଜୁର ସ.ଅଙ୍କୁ ଉଫକ୍ ଘଟଣାର ସତ୍ୟାସତ୍ୟ ଜ୍ଞାତ ହେଲା । ଏଥିରେ କ'ଣ ହୁଜୁର ସ.ଅଙ୍କ ବୈଶିଷ୍ଟ୍ୟରେ ଫରକ ପଡ଼ିଲା, କଦାପି ନୁହେଁ । ସେହି ବ୍ୟକ୍ତି ଅତ୍ୟାଚାରୀ ଓ ଈଶ୍ୱର ଅଭିଳାଷି ନୁହେଁ । ଯେ ଏହି ପ୍ରକାର ସନ୍ଦେହ କରେ କାରଣ ଏହା ମନୁଷ୍ୟକୁ ଅମାନ୍ୟ କରିବା ମୂଖରେ ନେଇ ପହଞ୍ଚାଇ ଦେଇଥାଏ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ କଦାପି ଏହି ଦାବି କରି ନାହାନ୍ତି ଯେ, ସେ ସର୍ବଜ୍ଞ । ବିଗତ ଓ ଭବିଷ୍ୟତର କଥା ଜାଣନ୍ତି । ଅଦୃଶ ବଷିୟ ଓ ଅନ୍ତରର କଥା ଜାଣିବା କେବଳ ପରମେଶ୍ୱରଙ୍କ ବୈଶିଷ୍ଟ୍ୟ ।

ବର୍ଣ୍ଣନାରେ ହଜରତ ଆଏଶା ର.ଅଙ୍କ ଉପରେ ଆରୋପ ଲଗାଇଥିବା ଲୋକମାନଙ୍କ ସଂଖ୍ୟାରେ ଭିନ୍ନତା ଥିବା ଉଲ୍ଲେଖ ରହିଛି । କେତେକ ବର୍ଣ୍ଣନାନୁଯାୟୀ ତାହା ୩, ୧୦, ୧୫ ଓ ୪୦ମଧ୍ୟ ବର୍ଣ୍ଣନା କରାଯାଇଛି । ସେହି

ଆରୋପକାରୀଙ୍କୁ ଦଣ୍ଡିତ କରିବା ପ୍ରସଙ୍ଗରେ ମଧ୍ୟ ମତଭେଦ ରହିଛି । ସୁନନେ ଅବି ଦାଉଦ୍‌ରେ ଉଲ୍ଲେଖ ରହିଛି, ହୁଜୁର[ସ.ଅ] ଦୁଇଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଦଣ୍ଡାଦେଶ ଶୁଣାଇ ଥିଲେ । ସେମାନଙ୍କ ମଧ୍ୟରେ ହସାନ୍ ବିନ୍ ସାବିତ୍, ଓ ମୁସ୍ତା ବିନ୍ ଅସାସା ରହିଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ[ସ.ଅ] ସେମାନଙ୍କ ମଧ୍ୟରୁ କାହାରିକୁ ହେଲେ ମଧ୍ୟ ଦଣ୍ଡ ବିଧାନ କରି ନଥିଲେ । ତୃତୀୟ ବର୍ଣ୍ଣନାନୁଯାୟୀ ଆପଣ[ସ.ଅ] ଅବ୍‌ଦୁଲ୍ଲାଃ ବିନ୍ ଅବି, ହସାନ୍ ବିନ୍ ସାବିତ୍, ହମ୍‌ନା ବିନ୍ତ୍ ଜହଶ୍ ଓ ମୁସ୍ତା ବିନ୍ ଅସାସାଙ୍କୁ ଦଣ୍ଡିତ କରିଥିଲେ । ହଜରତ ମୁସଲେହ ମଉଦ[ର.ଅ] ସୁରେ ନୁର୍ ଆୟତ୍ ସଂଖ୍ୟା ୩୬ର ବ୍ୟାଖ୍ୟାରେ ଉଲ୍ଲେଖ କରିଛନ୍ତି; ସେହି ଆରୋପକାରୀମାନେ ଯେଭଳି (ପାପ) ଅର୍ଜନ କରିଛନ୍ତି ତାଙ୍କୁ ତଦନୁରୂପ ଦଣ୍ଡ ମିଳିଯିବ । ଏହି ଉପଦ୍ରବର ମୂଳ ଅବ୍‌ଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍‌କୁ ଚେତାଇବା ପାଇଁ ଚାବୁକ ପ୍ରହାର ମଧ୍ୟ କରାଗଲା ଏବଂ ତାହାକୁ ଅଲ୍ଲାଃତାଲାଙ୍କ ନିକଟରୁ ମଧ୍ୟ ଶାସ୍ତି ମିଳିଲା । ସେ ହୁଜୁର [ସ.ଅ]ଙ୍କ ଜୀବନ କାଳରେ ହିଁ ଅପଦସ୍ତ ହେଲା ଏବଂ ନିଜ ଶେଷ ସମୟରେ ଗୋଇଠିରେ ଘୁସୁରି ଘୁସୁରି ମୃତ୍ୟୁ ବରଣ କଲା ।

ଏଥିଅନ୍ତେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଜର୍ମାନୀର ବାର୍ଷିକ ଧର୍ମସମ୍ମିଳନୀ ପରିପ୍ରେକ୍ଷୀରେ କହିଲେ; ଯୋଗଦାନକାରୀଙ୍କ ମଧ୍ୟରେ ଯେ ଅଣଅହେମଦି ଥିଲେ ଅଥବା ଯେଉଁମାନେ ଜଲସାରେ ପ୍ରଥମ ଥର ସାମିଲ ହୋଇଥିଲେ ସେମାନେ ବେଶ ସକାରାତ୍ମକ ମନ୍ତବ୍ୟ ଓ ଆନନ୍ଦର ଅଭିବ୍ୟକ୍ତ କରିଛନ୍ତି । ମିଡ଼ିୟା ଓ ଖବର ପ୍ରସାରଣ ମାଧ୍ୟମରେ ଅନେକ ମିଲିୟନ୍ ଲୋକମାନଙ୍କ ନିକଟରେ ଅହେମଦିୟତ୍ ଓ ଇସଲାମର ବାର୍ତ୍ତା ପହଞ୍ଚିଛି । ଅଲ୍ଲାଃତାଲା ଏହାର ଉତ୍ତମ ଓ ଦୂରବର୍ତ୍ତୀ ପରିଣାମ ଉଦ୍ଧୃତ କରନ୍ତୁ । ଅହେମଦିମାନଙ୍କୁ ମଧ୍ୟ ପ୍ରକୃତ ପକ୍ଷେ ସର୍ବଦା ଏଥିରୁ ଉପକୃତ କରାନ୍ତୁ । ତେବେ ଆପଣମାନେ ଦୁଆ କରିବା ପ୍ରତି ଧ୍ୟାନ ଦେବେ । ଅଲ୍ଲାଃତାଲା ନିଜ ଅନୁକମ୍ପା ଓ କୃପାର ଚଦରରେ ଆମମାନଙ୍କୁ ସର୍ବଦା ଆଚ୍ଛାଦିତ କରି ରଖିଥାନ୍ତୁ ।

(ଯୁଦ୍ଧ ଯୋଗୁଁ) ଅହେମଦିମାନେ ମଧ୍ୟ ନିଜ ଜୀବନ ରକ୍ଷା ଓ ନିରାପତ୍ତା ସକାଶେ ସୁଦାନ (ଦେଶ)ର ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ହୋଇଯାଇଛନ୍ତି, ଏବେ ସୁଦ୍ଧା ସେମାନେ ଅତି ଅସୁବିଧା, ଅଭାବ ଓ ଅନାଟନରେ ଜୀବନ ଅତିବାହିତ କରୁଛନ୍ତି । ଅଲ୍ଲାଃତାଲା ଅହେମଦିମାନଙ୍କ ବିଶ୍ୱାସକୁ ସୃଦୃଢ଼ ରଖନ୍ତୁ ଏବଂ ସେମାନଙ୍କ ଅବସ୍ଥା ପରିବର୍ତ୍ତନ (ସାମାନ୍ୟ) କରି ଦିଅନ୍ତୁ । ଦେଶରେ ଅଶାନ୍ତି ଓ ବିଶୃଙ୍ଖଳାର କଳା ବାଦଲ ପରିବ୍ୟାପ୍ତ ରହିଛି । ଅଲ୍ଲାଃତାଲା ଏହି ବିଦ୍ରୋହ ଓ ବିଶୃଙ୍ଖଳା ପୂର୍ଣ୍ଣ ପରିବେଶକୁ ଶେଷ କରନ୍ତୁ ଏବଂ ନିଜ ଦୟାବତୀର୍ଣ୍ଣ କରନ୍ତୁ । ସେମାନେ ପରସ୍ପରର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ଜଣେ ମୁସଲମାନ ଆଉ ଜଣେ ମୁସଲମାନର ଭାଇ ହେବାର ଅଧିକାର ସମ୍ପନ୍ନ କରୁ ଏବଂ ଇସଲାମୀୟ ପ୍ରଶାସନ ଦେଶଗୁଡ଼ିକରେ ଯେଉଁଠି ବିଶୃଙ୍ଖଳା ଓ ଅପ୍ରୀତିକର ପରିସ୍ଥିତି ଜାରି ରହିଛି ଅଲ୍ଲାଃତାଲା ତାହାକୁ ଦୂର କରିଦିଅନ୍ତୁ । ଅଲ୍ଲାଃତାଲା ଅହେମଦିମାନଙ୍କୁ ବାସ୍ତବରେ ଆତ୍ମଶାନ୍ତି ଓ ନିରାପତା ପୂର୍ଣ୍ଣ ଜୀବନ ଅତିବାହିତ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।